# Akashvani, Sambalpur

## SAMBALPURI NEWS EVENING BULLETIN

## 20 july 2026-7.02- 7.12 pm.

---

୧- ମୁଲ୍ ହେଲା ସଂସଦ୍‌ର ମୌସୁମୀ ଅଧିବେଶନ୍ ।

- ଅଧିବେଶନ୍ ସଫଲ୍ ହେବାର୍‌କେ ନେଇକରି ଆଶ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରଥଯାତ୍ରାର୍ ୫ ନମ୍ବର୍ ଦିନେ ଆଏଜ୍ ହେବା ହେରା ପଂଚ୍‌ମୀ ନୀତି ।

୩- ରାଏଜେ କମ୍ ବର୍ଷା ଲାଗି ହେଇଥିବା ସ୍ଥିତିକେ ନେଇକରି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

ଆଉର୍

୪- ସ୍ନାତକ ଶ୍ରେଣୀଥି ନାଁଲେଖା ଲାଗି ବାହାର୍‌ଲା ୨ ନମ୍ବର୍ ଖେପ୍ ମେଧା ତାଲିକା ।

ସଂସଦ୍ ମୌସୁମୀ ଅଧିବେଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଅଧିବେଶନ୍ ମୁଲ୍ ହେବାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ମୌସୁମୀ ଅଧିବେଶନ୍ ସଫଲ୍ ହେବା ବଲି ଆଶାବ୍ୟକ୍ତ କରିଛନ୍ । ଶ୍ରୀ ମୋଦୀ କହିଛନ୍, ଦେଶର୍ ପ୍ରତିଛବିକେ ସାରା ପୁର୍‌ଥି ଗ୍ରହଣ୍ କରିଛେ ଆଉ ଇତାକେ ବିଶ୍ୱସ୍ତରୀୟ ସ୍ୱୀକୃତି ମିଲିଛେ । ଦେଶର୍ ଯୁଆନ୍ ପିଢ଼ିର୍ କ୍ଷମତା ଆଉ ଆଶା ମହାକାଶ୍ ବାଗିର୍ ଅସୀମ୍ ଆଏ । ହେଲେ ମାସେ ଭିତ୍‌ରେ ଦେଶ୍ ବହୁତ୍‌ଟେ ସଫଲତା ହାସଲ୍ କରିଛେ । ଯେନ୍‌ଟା ସବୁ ନାଗରିକଙ୍କୁ ଗୌରବାନ୍ୱିତ କରିଛେ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଜାତୀୟସ୍ତର୍ ନ ହେଉ କି ଆନ୍ତର୍ଜାତୀୟ ସ୍ତର୍ ନ ହେଉ, ମହାକାଶ୍ କ୍ଷେତ୍ରଥି ଭିଲ୍ ଭାରତ୍ ଲାଗି ବାସ୍ତବିକ୍ ଗୌରବ୍‌ର ମୁହୂର୍ତ ହେଇଛେ । ଗଲାବଛର୍ ମୌସୁମୀ ଅଧିବେଶନ୍ ଆଘୋନୁ ଭାରତ୍ ଆନ୍ତର୍ଜାତିକ୍ ମହାକାଶ୍ କେନ୍ଦ୍ର ନ ପୁହୁଁଚିବାର୍‌ଥି ସଫଲ୍ ହେଇଥିଲା ଆଉ କିଛି ଦିନ୍ ଆଘୋନୁ ଝନେ ଯୁବ ଭାରତୀୟ ଷ୍ଟାର୍ଟଅପ୍ ଐତିହାସିକ୍ ସଫଲତା ହାସଲ୍ କରିଛନ୍ । ଭାରତ୍‌ର

ୟୁଆନ୍ ପିଢ଼ି ମହାକାଶ୍ ନ ଗୁଟେ ନୂଆଁ ଯାତ୍ରାର୍ ଶୁଭାରମ୍ଭ କରିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ପଶ୍ଚିମ ଏସିଆ ନ ଲାଗି ରହିଥିବା ସଂଘର୍ଷ ଲାଗି ଭାରତ୍ ତାର୍ ଶକ୍ତି ଆବଶ୍ୟକତା ପୁରା କର୍‌ବାର୍ ଲାଗି ଅଲ୍‌ଗା ଦେଶ୍ ଉପ୍‌ରେ ନିର୍ଭର୍ କର୍‌ବାର୍‌କେ ନେଇକରି ସମସ୍ୟା ଦେଖାଦେଇଛେ । ପେଟ୍ରୋଲ୍, ଡିଜେଲ୍, ଏଲ୍‌ପିଜି, ସାର୍ ଆଉ ଅଲ୍‌ଗା ରାସାୟନିକ୍ ଦରବ୍‌କେ ନେଇକରି ପ୍ରତିବନ୍ଧକ୍ ଭିଲ୍ ଦେଖାଦେଇଛେ । ଇତାର୍‌ସତ୍ୱେ ଭାରତ୍‌ର ଅଭିବୃଦ୍ଧି ହାର ୭ ଦଶ୍‌ମିକ୍ ୭ ପ୍ରତିଶତ୍ ରହିଛେ ବଲି ଶ୍ରୀ ମୋଦୀ କହିଛନ୍ । ଅଧିବେଶନ୍ ସମିଆଥି ଆୟକର ସଂଶୋଧନ୍ ବିଲ୍- ୨୦୨୬, ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଆଉ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ବିକାଶ୍ ବିଲ୍, ଏଫ୍.ସି.ଆର୍.ଏ. ଆଉ ବିକଶିତ୍ ଭାରତ୍ ଶିକ୍ଷା ଅଧିଷ୍ଠାନ୍ ବିଲ୍ ଉପ୍‌ରେ ଆଲୋଚନା ହେବା ବଲି ଜନାପଡ଼ିଛେ । ଅଧିବେଶନ୍ ଅଗଷ୍ଟ ମାସ ୧୩ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍‌ର ପହେଲା ଦିନେ ବିରୋଧୀ ଦଲ୍‌ମାନ୍‌କର୍ ତର୍‌ଫୁ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି

ହୋହଲ୍ଲା ଜାରି ରହେବାର୍‌ନୁ ଦୁହି ଗୃହକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ ।

ହେରାପଂଚ୍‌ମୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେରାପଂଚ୍‌ମୀ ନୀତି କରାଯିବା । ଜଗତ୍‌ଜନନୀ ମା ଲକ୍ଷ୍ମୀ ଆଡ଼ପ୍ ମଣ୍ଡପ୍ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କର୍‌ବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ନେଇକରି ରଥ୍‌ଯାତ୍ରା କରିଥିବାର୍‌ନୁ ମା ଲକ୍ଷ୍ମୀ ଅଭିମାନ୍ କରିଛନ୍ । ସେଥିର୍‌ଲାଗି ଶରଧାବାଲି ନ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥକେ ଭାଙ୍ଗ୍‌ବେ । ଇତାର୍ ଉତ୍‌ରୁ ମା ଲକ୍ଷ୍ମୀ ହେରା ଗୋହିରୀ ସାହି ଦେଇକରି ଶ୍ରୀମନ୍ଦିର୍‌କେ ଫିର୍‌ବେ । ଶ୍ରୀଗୁଣ୍ଡିଚା ଯାତ୍ରାର ୫ ନମ୍ବର୍ ଦିନେ ହେରାପଂଚ୍‌ମୀ ନୀତି ପାଲନ୍ କର୍‌ବାର୍ ପରମ୍ପରା ରହିଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନୀତିନିର୍ଘଂଟ ପ୍ରସ୍ତୁତ୍ କରାଯାଇଛେ । ଆଏଜ୍ ରାତି ମହାଲକ୍ଷ୍ମୀ ରଥ୍ ପାଖେ ପାରମ୍ପରିକ ନୀତି ସାରିକରି ଜଗମୋହନ୍‌କେ ବିଜେ କର୍‌ବେ । ପଛେ ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ ଲାଗି

ହେଇକରି ସନ୍ଧ୍ୟାଧୂପ ଟେରା ପଡ଼୍‌ବା । ତାର୍ ଉତ୍‌ରୁ ମଇଲମ, ଚନ୍ଦନଲାଗି ଆର୍ ବଡସିଂହାର ହେଇକରି ଡେରିରାତି ପହୁଡ଼୍ ହେବା । ଆଝିରର ନୀତି ଶେଷ୍ ହେବାର୍ ସହେତେ ଆଏବା କାଏଲ୍ ସକାଳ ଧୂପ ସର୍‌ବାର୍ ଉତ୍‌ରୁ ତିନ୍‌ହି ରଥର ଦକ୍ଷିଣ ମୋଡ଼୍ ଲାଗି ଆଜ୍ଞାମାଳ ବିଜେ କରାଯିବା ।

ରଥଯାତ୍ରା ସମୀକ୍ଷା        ପୁରୀ ସମ୍ବାଦଦାତା

ରଥଯାତ୍ରା ସମିଆଥି ପୁରୀକେ ଆସୁଥିବା ଶ୍ରଦ୍ଧାଳୁ ଆଉ ପର୍ଯ୍ୟଟକ୍‌ମାନ୍‌କର୍ ସୁରକ୍ଷା ପୁଲିସ୍‌ର ସବୁନୁ ପହେଲା ପ୍ରାଥମିକତା ବଲି ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂ କହିଛନ୍ । ଚଲ୍‌ତି ବଛର୍ ରଥଯାତ୍ରା ସମିଆଥି ଗଲା ୪ ଦିନ୍ ଭିତ୍‌ରେ ପୁରୀ ପୁଲିସ୍ ଆଉ ଆ୮ଟି ସ୍ନାଚିଂ ଦଲ୍ ତର୍‌ଫୁ ଶହେ ୪୩ ଝନ୍‌କୁ ମୋବାଇଲ୍ ପର୍ସ, ସୁନା ଅଲଙ୍କାର୍ ଆଉ ଅଲ୍‌ଗା ମୂଲ୍ୟବାନ୍ ଦରବ୍ ଲୁଟ୍ ଅଭିଯୋଗ୍‌ଥି ଗିରଫ୍ କରାଯାଇଥିବା ସୂଚ୍‌ନା ମିଳିଛେ । ଶ୍ରୀ ସିଂ କହିଛନ୍, ଲୁଟେରାମାନ୍‌କର୍‌ଠାନୁ ୨ ଶହ ୫୦ ନୁ ଅଏତ୍‌କା ମୋବାଇଲ୍ ଫୋନ୍ ଜବତ୍ କରାଯାଇଛେ । ଇ ବଛର୍ ରଥଯାତ୍ରା ବେଲ୍‌କେ ଶ୍ରଦ୍ଧାଳୁ

ପର୍ଯ୍ୟଟକ୍‌ମାନ୍‌କର୍ ସୁରକ୍ଷିତ୍ ଦର୍ଶନ୍‌କେ ପ୍ରାଥମିକତା ଦିଆଯାଇଥିବାର୍ ବେଲେ ସହରର୍ ଭିନ୍ ଭିନ୍ ଗହଲି ଜାଗା ମାନ୍‌କେ ସାଧା କୁର୍ତା ପେଂଟ୍ ପିନ୍ଧା ପୁଲିସ୍ କର୍ମଚାରୀମାନ୍‌କୁ ନିୟୋଜିତ୍ କରାଯାଇଛେ । ସେଆଡ଼େ ସିସିଟିଭି ଜରିଏ ନିରୀକ୍ଷଣ୍ କରାଯାଇକରି ଭିନ୍ ଭିନ୍ ଜାଗା ନ ଲୁଟ୍ କରୁଥିବା ଅପରାଧୀମାନ୍‌କୁ ଗିରଫ୍ କରାଯାଇଛେ ବଲି ଏସ୍.ପି. ଶ୍ରୀ ସିଂ କହିଛନ୍ । ରଥଯାତ୍ରା ଶେଷ୍ ହେବାର୍‌ତକ୍ ଇ ଅଭିଯାନ୍ ଜାରି ରହେବା ସେ ସୂଚ୍‌ନା ଦେଇଛନ୍ ।

ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀ କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ଉଚ୍ଚମାଧ୍ୟମିକ୍ ଶିକ୍ଷା ନିର୍ଦ୍ଦେଶାଳୟ ତରଫୁ ସର୍‌କାରୀ ଉଚ୍ଚ ମାଧ୍ୟମିକ୍ ବିଦ୍ୟାଳୟ ନ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ଲାଗି ଗୁଟେ ଦିଗ୍‌ଦର୍ଶନ୍ କର୍ମଶାଳା ଆୟୋଜନ୍ କରାଯାଇଛେ । ସିରିପୁର୍ ନ ଥିବା ଇମେଜ୍ ଠାନେ ହେଇଥିବା ଇ କର୍ମଶାଳାର୍ ପହେଲା ଖେପେ ସଂସ୍କୃତ୍ ଆଉ ଅର୍ଥଶାସ୍ତ୍ରର୍ ଶହେ ୨୦ ଝନ୍ ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀ ଭାଗ୍

ନେଇଥିଲେ । ଇନ ଜନେଇ ଦିଆଯାଇପାରେ ପିଜିଟି ଶିକ୍ଷକ୍, ଶିକ୍ଷୟତ୍ରୀମାନ୍‌କୁ ନେଇକରି ଆୟୋଜିତ୍ ଇ କର୍ମଶାଳା ୨ ଟା ଖେପେ କରାଯିବା । ପହେଲା ଖେପ୍ କର୍ମଶାଳା ଆଏବା ୨୪ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ବେଲେ ୨ ନମ୍ବର୍ ଖେପ୍ ଆଏବା ୨୭ ନୁ ୩୧ ତାରିଖ୍‌ତକ୍ ହେବା ।

ଉପମୁଖ୍ୟମନ୍ତ୍ରୀ-ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ରାଏଜେ କମ୍ ବର୍ଷା ଲାଗି ହେଇଥିବା ସ୍ଥିତିକେ ନେଇକରି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶକ୍ତିବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ, ଜଲ୍‌ସମ୍ପଦ୍ ବିଭାଗ୍‌ର ଶାସନ୍ ସଚିବ ଆଉ କୃଷି ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବ ପ୍ରମୁଖ ଯୋଗ୍‌ଦେଇକରି ବାଲିମେଲା ଆଉ ମାଛକୁଣ୍ଡ ବାଗିର୍ ବଡ଼ ବଡ଼ ଜଲାଶୟର୍ କେଚ୍‌ମେଂଟ୍ ଇଲାକା ନ କର୍ମ ବର୍ଷା ହେଇଥିବାର୍‌ନୁ ସର୍‌କାର୍ ସ୍ଥିତି ଉପ୍‌ରେ ନଜର୍ ରଖିଛନ୍ ବଲି ସୂଚ୍‌ନା ଦେଇଛନ୍ । ଜଲାଶୟ ମାନ୍‌କେ ଥିବା ପାଏନ୍‌କେ ପହେଲା ପିଇବାର୍ ପାଏନ୍ ଆଉ ଚାଷ୍ ଲାଗି

ସଂରକ୍ଷିତ୍ ରଖାଯିବା ତାର୍ ଉତ୍ରୁ ଯାଇକରି ବିଦ୍ୟୁତ୍ ଉତ୍ପାଦନ୍ ଲାଗି ପାଏନ୍‌ର ବେଭାର୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ଗଲାବଛର୍ ନୁ ଇଥର ଜଲ୍‌ସ୍ତର୍ କମ୍‌ଥିବାର୍‌ନୁ କୃଷି ଆଉ ଜଲ୍‌ସମ୍ପଦ୍ ବିଭାଗ୍ ତାର୍ ଉପ୍‌ରେ କଡ଼ା ନଜର୍ ରଖିଛନ୍ । ଖରିଫ୍ ଚାଷ୍‌ଥି ଯେନ୍ତା କେନ୍‌ସି ପ୍ରକାରର୍ ଅସୁବିଧା ନାଇଁ ହୁଏ, ହେଥିର୍‌ଲାଗି କେନ୍ଦ୍ର କୃଷି ମନ୍ତ୍ରଣାଲୟ ସାଙ୍ଗେ ଭିଲ୍ ଆଲୋଚନା କରାଯାଇଛେ ବଲି ଶ୍ରୀ ସିଂହଦେଓ କହିଛନ୍ ।

ସ୍ନାତକ ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଥିବା ସ୍ନାତକ ମହାବିଦ୍ୟାଳୟ ମାନ୍‌କେ ନାଁଲେଖା ଲାଗି ଆଏଜ୍ ୨ ନମ୍ବର୍ ଖେପ୍ ମେଧା ତାଲିକା ବାହାରିଛେ । ୧ ହଜାର୍ ୫୫ ଟା ସ୍ନାତକ ମହାବିଦ୍ୟାଳୟଥି କଳା, ବିଜ୍ଞାନ୍, ବାଣିଜ୍ୟ, ସେଲ୍ଫ ଫାଇନାନ୍ସିଂ ଆଉ ସଂସ୍କୃତ୍ ପାଠ୍ୟକ୍ରମ୍‌ଥି ୨ ଲାଖ୍ ୮୭ ହଜାର୍ ୫ ଶହ ୧୯ ଟା ସିଟ୍ ରହିଛେ । ପହେଲା ଖେପେ ୮୪ ହଜାର୍ ୩ ଶହ ୮୪ ଟା ସିଟ୍‌ଥି ନାଁଲେଖା ଶେଷ୍ ହେଇଛେ । ମେଧା ତାଲିକା ବାହାର୍‌ବାର୍ ଉତ୍ରୁ ଆଏବା

କାଏଲ୍ଠାନୁ ଗୁରୁବାର୍ତକ୍ ଛାତ୍ରଛାତ୍ରୀମାନେ ନାଁ ଲେଖେଇପାର୍ବେ ଆଏବା ୨୯ ତାରିଖ୍ ୩ ନମ୍ବର୍ ଆଉ ଶେଷ୍ ମେଧା ତାଲିକା ବାହାର୍ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଇଂଟରନେସ୍ନାଲ୍ ଚେସ୍ ଡେ ଆର୍ଏନ୍ୟୁ/ ସମ୍ବଲପୁର

ଖେଲ୍, ମାନସିକ ଶକ୍ତି ଆଉ କଲାର ଉପାଦାନ୍ ମିଶିକରି ଥିବା ପ୍ରାଚୀନ ସାଂସ୍କୃତିକ୍ ଚେସ୍ ଖେଲ୍କେ ଅଏତ୍କା ଲୋକପ୍ରିୟ କର୍ବାର୍ ଲାଗି ଆଏଜ୍ ଅନ୍ତର୍ଜାତିକ୍ ଚେସ୍ ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ଚେସ୍ ସମୁଦାୟ ତର୍ଫୁ ୧୯୨୪ ମସିହାଥି ଥାପ୍ନା କରାଯାଇଥିବା ଫାଇଡ୍ କେ ସୁର୍ତା କର୍ବାର୍ ଉଦ୍ଦେଶ୍ୟଥି ଇ ଦିବସ୍ ପାଲନ୍ କରାଯାଏସି । ୨୦୧୯ ମସିହାଥି ଜାତିସଂଘ ମହାସଭା ତର୍ଫୁ ଇ ଦିବସ୍ ପାଲନ୍କେ ସ୍ୱୀକୃତି ମିଲିଥିଲା । ପୁର୍ଥି ନ ପାଖାପାଖି ଶହେ ୯୦ ଟା ଦେଶେ ସାଢ଼େ ୭ କୋଟି ସ୍ୱୀକୃତି ପ୍ରାପ୍ତ ଚେସ୍ ଖେଲାଲି ଅଛନ୍ । ଇ ବଛର୍ ଆନ୍ତର୍ଜାତିକ୍ ଚେସ୍ ଦିବସ୍ର

ବାର୍ତା ହେଉଛେ, ଉତ୍ସବ ପାଲନ୍ କରୁନ୍, ସୃଷ୍ଟି କରୁନ୍ ଆଉ ପରିବର୍ତନ୍ ଆନୁନ୍ ।

ଅଭିଯୋଗ୍ ଶୁଣାଣି ବରଗଡ଼୍/ ସୁବର୍ଣ୍ଣପୁର୍/ ଦେବ୍ଗଡ଼୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ ।

ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ଶହେ ୪୫ ଟା ଅଭିଯୋଗ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍‌ଭା ବ୍ଲକ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୭୬ ଟା ଅଭିଯୋଗ ଆସିଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ସମ୍ମିଳନୀ କକ୍ଷ ନ ନ ହେଇଥିବା ଶିବିର୍‌ଥି ଶହେ ୧୮ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୭୦ ଟା ଅଭିଯୋଗ ଆସିଥିବାର୍ ବେଲେ ୩୫ ଟା ଅଭିଯୋଗ୍‌ର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ପାରପୋଷି ଗ୍ରାମ୍‌ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ହେଇଥିବା ଶିବିରଥି ୬୩ ଟା ଅଭିଯୋଗ ଆସିଥିଲା ।

ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ବ୍ଲକ୍ ମୁଖ୍ୟାଳୟ ପରିସର୍ ନ ନ ହେଇଥିବା ଶିବିର୍‌ଥି ୪୯ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ଗୁଟେ ଆର୍ ରେଡ଼୍‌କ୍ରସ୍ ପାଣ୍ଠିନୁ ୩ ଟା ଆବେଦନ୍‌କେ ମଞ୍ଜୁର୍ କରାଯାଇଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଆନ୍ତର୍ଜାତିକ ଚନ୍ଦ୍ରଯାନ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁନୁଷ୍ ପହେଲାକରି ଚନ୍ଦ୍ରପୃଷ୍ଠନ ପାହା ଥାପିଥିବାର୍ ସଫଲତାକେ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ଆନ୍ତର୍ଜାତିକ ଚନ୍ଦ୍ରଯାନ ଦିବସ୍ । ୧୯୬୯ ମସିହା ଆଜିର୍ ଦିନେ ଚନ୍ଦ୍ରଯାନ୍ ଆପୋଲୋ -୧୧ ଅଭିଯାନ୍ ଜରିଏ ମୁନୁଷ୍ ଚନ୍ଦ୍ରପୃଷ୍ଠ ନ ପହେଲା ପାହା ଥାପିଥିଲା । ଜାତିସଂଘ ସାଧାରଣ ପରିଷଦ୍ ତର୍‌ଫୁ ୨୦୨୧ ମସିହାନୁ ଇ ଦିବସ୍‌କେ ସ୍ଥାୟୀ ଭାବେ ପାଲନ୍

କରାଯାଉଛେ । ଚଲ୍‌ତି ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଗୁଟେ ଚନ୍ଦ୍ର- ଗୁଟେ ଦୃଷ୍ଟିଭଙ୍ଗି ଆଉ ଗୁଟେ ଭବିଷ୍ୟତ୍' ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ଉତର୍ ଭାଗ୍ ଆଉ ଇତାର୍ ପାଖର୍ ଇଲାକା ନ ଇ ହପ୍ତା ଫେର୍‌ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ସମୁଦ୍ରଖଁଡ଼ି ଆଉ ଆଭ୍ୟନ୍ତରିଣ ଜିଲ୍ଲାମାନ୍‌କୁ ମଧମ୍‌ନୁ ଜବର୍ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼ ସହେତେ ୮ ଟା ଜିଲ୍ଲା ନ ଜବର୍ ବର୍ଷା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଜର୍ ୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୨/୩ ଫୁଟ୍ ରହିଥିଲା । ଇ ସମିଆଥି ୪ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୯୪ ହଜାର୍ ୭ ଶହ ୨୩ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧

ଲାଖ୍ ୧୮ ହଜାର୍ ୭ ଶହ ୯୮ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।